ଠିକ୍ ଦେଖେ ଠିକ୍ ଲେଖେ  Odisha Express  SIGHTS TRUTH WRITES TRUTH

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ

• Pages-8 • Price ₹2.00 ବର୍ଷ–୧୨ • ସଂଖ୍ୟା : ୬୭ ୧୧ ଅଗଷ୍ଟ ୨୦୧୭ ଶୁକ୍ରବାର ଭୁବନେଶ୍ୱର ୮ ପୃଷ୍ଠା • ମୂଲ୍ୟ : ₹ ୨.୦୦ Vol. 12 • Issue No. : 67 11th August 2017, Friday Bhubaneswar

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


## ଅମୃତ ସ୍ୱର

**ଦୁଃଖେ ଷ୍ୱନୁ ଦବିଗ୍ନମନାଃ**
**ସୁଖେଷୁ ବିଗତ ସ୍ପୃହଃ ।**
**ବୀତରାଗ ଭୟ କ୍ରୋଧଃ**
**ସ୍ଥିତିଧୀର୍ମୁନିରୁଚ୍ୟତେ ॥**

ଦୁଃଖ ମିଳିଲେ ଯାହା ମନରେ ଉଦ୍‌ବେଗ ଜାତ ହୁଏ ନାହିଁ ଏବଂ ସୁଖ ମିଳିଲେ ଯାହା ମନରେ ସ୍ପୃହା ଆସେ ନାହିଁ ତଥା ଯିଏ ରାଗ ଆସକ୍ତି, ଭୟ ଓ କ୍ରୋଧରୁ ମୁକ୍ତ ସେହି ମନନଶୀଳ ମନୁଷ୍ୟଙ୍କୁ ସ୍ଥିର ବୁଦ୍ଧି କୁହାଯାଏ

## ନ୍ୟୁଜ୍ ଏକ୍ସପ୍ରେସ୍

- **ଭୁବନେଶ୍ୱର : ବନଫୁଲ ନଗରରେ ଗଞ୍ଜେଇ ଚୋରା ଚାଲାଣ ବେଳେ ଇନ୍‌ଫୋସିସ୍ ପୋଲିସ ଦ୍ୱାରା ଜଣେ ଗିରଫ, ୭୦ କେଜି ଗଞ୍ଜେଇ ଜବତ**
- ମାଲକାନଗିରି : ତେଲ ଟ୍ୟାଙ୍କରରୁ ୨ କୋଟି ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ
- **କେନ୍ଦ୍ରାପଡ଼ା : ମହାକାଳପଡ଼ା ଜମ୍ବୁ ମେରାଇନ ପୋଲିସ ଦ୍ୱାରା ଆୟବେଳାରି ଗାଁରୁ ୮ପେଟି ଦେଶୀ ମଦ ଜବତ, ଜଣେ ଗିରଫ**
- ସୁନ୍ଦରଗଡ଼ : ଲହୁଣିପଡ଼ା ଥାନା ବ୍ରାହ୍ମଣୀ ନଦୀର ପୋଇଗାଁ ଘାଟରୁ ଅଜଣା ଯୁବତୀଙ୍କ ମୃତ ଦେହ ଉଦ୍ଧାର, ପୋଲିସର ତଦନ୍ତ ଆରମ୍ଭ
- **ଫୁଲବାଣୀ : ଦୁଇ ମାସର ବକେୟା ଦରମା ଦାବିରେ ମୁଖ୍ୟ ଚିକିତ୍ସାଳୟର କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ଧାରଣା**
- କାମାକ୍ଷାନଗର : ଭୁବନ ଥାନା ମାଥାପୁର ଗାଁରେ ଏକ ଗଛରୁ ପଡ଼ି ଯୁବକ ମୃତ
- ଝାରସୁଗୁଡ଼ା : ରେଳ ଷ୍ଟେସନ ନିକଟରୁ ଅଜଣା ଯୁବତୀଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ
- **ରାୟଗଡ଼ା : କଲ୍ୟାଣସିଂହପୁର ବ୍ଲକ ଶିକରପାଇ ଷ୍ଟେସନ ନିକଟରେ ଟ୍ରେନରୁ ଖସିପଡ଼ି ଜଣେ ମୃତ**
- **ଗୁଣୁପୁର : ବଂଶଧାରାରେ ଗାଧୋଇବାକୁ ଯାଇଥିବା ନାବାଳକ ନିଖୋଜ**
- ସୁନ୍ଦରଗଡ଼ : ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ ସଦର ତହସିଲର ବିରିବିରା ଆର୍‌ଆଇ ଅଜୟ କୁମାର ରାଉତ
- ସାଲେପୁର : ମଧୁମଣ୍ଡପ ନିକଟରେ ଅଟୋ ଧକ୍କାରେ ଜଣେ ମହିଳା ଆହତ, ଡ୍ରାଇଭର ଥାନାରେ ଅଟକ




# ସଂସଦରେ ମହାନଦୀ ସଂଗ୍ରାମ

**ଭୁବନେଶ୍ୱର/ନୂଆଦିଲ୍ଲୀ, ୧୦।୮**
**ଏକ୍ସପ୍ରେସ୍ ନ୍ୟୁଜ୍**

ପାର୍ଲାମେଣ୍ଟରେ ପୁଣି ମହାନଦୀ ତାତି । ଗୁରୁବାର ଲୋକସଭାରେ ମହାନଦୀ ବିବାଦ ପ୍ରସଙ୍ଗ ଉଠାଇ ଶୀଘ୍ର ଟ୍ରିବ୍ୟୁନାଲ ଗଠନ ପାଇଁ ଦାବି କରିଛି ବିଜେଡି । ଏହା ପୂର୍ବରୁ ସଂସଦ ଭବନ ପରିସରରେ ଥିବା ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ଧାରଣା ଦେଇଥିଲେ ରାଜ୍ୟର ବିଜେଡି ଓ କଂଗ୍ରେସ ସାଂସଦ । ଟ୍ରିବ୍ୟୁନାଲ ଗଠନ ହେଲେ ମହାନଦୀ ବିବାଦର ଶୀଘ୍ର ସମାଧାନ ହେବ । ହେଲେ ଏଥିରେ ବିଳମ୍ବ କରୁଛନ୍ତି କେନ୍ଦ୍ର ସରକାର । ଲୋକସଭାରେ ଏଭଳି ଅଭିଯୋଗ ଆଣିଛନ୍ତି ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ । ଆଜି ଗୃହରେ ଏହି ପ୍ରସଙ୍ଗ ଉଠାଇ ଭର୍ତ୍ତୃହରି କହିଛନ୍ତି, ମହାନଦୀ ଉପରମୁଣ୍ଡରେ ଛତିଶଗଡ ବେଆଇନ୍ ବ୍ୟାରେଜ ନିର୍ମାଣ ବନ୍ଦ କରୁନାହିଁ । ଏଥିଯୋଗୁଁ ମୌସୁମୀରେ ବି ଓଡ଼ିଶାରେ ଜଳ ସଙ୍କଟ ଦେଖାଦେଇଛି । ବିବାଦର ସମାଧାନ କରିବାକୁ ହେଲେ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ଟ୍ରିବ୍ୟୁନାଲ ଗଠନ କରିବା ସହ ପ୍ରକଳ୍ପ ନିର୍ମାଣ କାମ ବନ୍ଦ ରଖିବାକୁ ଛତିଶଗଡ଼କୁ ନିର୍ଦ୍ଦେଶ ଦିଅନ୍ତୁ । ସେପଟେ ମହାନଦୀ ପ୍ରସଙ୍ଗରେ ସଂସଦ ଭବନ ପରିସରରେ ଧାରଣାକୁ ଓହ୍ଲାଇଥିଲେ ବିଜେଡି ସାଂସଦ । ଗାନ୍ଧୀ ମୂର୍ତ୍ତି ନିକଟରେ ପ୍ଲାକାର୍ଡ ଧରି ଛତିଶଗଡ଼ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ । କଂଗ୍ରେସର ରାଜ୍ୟସଭା ସଦସ୍ୟ ରଞ୍ଜୀବ ବିଶ୍ୱାଳ ବି ଏଥିରେ ସାମିଲ ହୋଇଥିଲେ ।

ମିଳିଥିବା ସୂଚନା ଅନୁସାରେ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ପ୍ରଶନ୍ନ ପାଟଶାଣୀ, ବୈଜୟନ୍ତ ପଣ୍ଡା, ତଥାଗତ ଶତପଥୀ, ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ, ସରୋଜିନୀ ହେମ୍ବ୍ରମ୍, ସିଦ୍ଧାନ୍ତ ମହାପାତ୍ର, ପ୍ରତାପ ଦେବ, ଝିନ ହିକ୍‌କା, ଦିଲ୍ଲୀପ ତାର୍କି, ଶକୁନ୍ତଳା ଲାଗୁରୀ, ପ୍ରଭାସ ସିଂହ, ଭାସ୍କର ରାଓ, ନରେନ୍ଦ୍ର ସ୍ୱାଇଁ ଓ ଅନ୍ୟମାନେ ଏହି ଧାରଣାରେ ସାମିଲ ହୋଇଥିଲେ । ସାଂସଦମାନେ ମହାନଦୀ ଉପର ମୁଣ୍ଡରେ ଛତିଶଗଡ଼ ସରକାର ନିର୍ମାଣ କରୁଥିବା ବ୍ୟାରେଜକୁ ତୁରନ୍ତ ବନ୍ଦ କରିବା, ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ ସହ ଚିଲିକା ଓ ଭିତରକନିକାକୁ ରକ୍ଷା କରିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଥିଲେ । ଏହାସହ ମହାନଦୀରେ ମୌସୁମୀ ସମୟରେ ମଧ୍ୟ ଜଳ ସଂକଟ ରହୁଥିବା ସେମାନେ ଅଭିଯୋଗ କରିଛନ୍ତି । ଟ୍ରିବ୍ୟୁନାଲ ଗଠନ କରିବାରେ କେନ୍ଦ୍ର ସରକାର ବିଳମ୍ବ କରୁଛି । ଛତିଶଗଡ ମହାନଦୀର ଜଳ ଅଟକାଉଛି । ସାଂସଦ ତଥାଗତ (ଶେଷ ପୃଷ୍ଠା ଦେଖନ୍ତୁ)

## ସ୍ୱାଇନ୍ ଫ୍ଲୁରେ ଡାକ୍ତରଙ୍କ ସମେତ ୮୪ ଆକ୍ରାନ୍ତ

**ଭୁବନେଶ୍ୱର, ୧୦।୮ : ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ବର୍ଷ ରାଜ୍ୟରେ ସ୍ୱାଇନ ଫ୍ଲୁ ରୋଗୀଙ୍କ ସଂଖ୍ୟା ୮୪କୁ ବୃଦ୍ଧି ପାଇଥିଲା ବେଳେ ଇତି ମଧ୍ୟରେ ୪ ଜଣଙ୍କର ମୃତ୍ୟୁ ଘଟିଛି । ବର୍ତ୍ତମାନ ଏସସିବି ମେଡ଼ିକାଲ କଲେଜ କଟକରେ ୧୦ ଜଣ ସ୍ୱାଇନ ଫ୍ଲୁ ରୋଗୀ ଚିକିତ୍ସିତ ହେଉଛନ୍ତି । ଆଜି ଆସିଥିବା ୨୪ ଟି ରକ୍ତ ନମୁନା ପରୀକ୍ଷାରୁ ୧୩ଟି ପଜିଟିଭ୍ ରହିଛି । କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର ଜଣେ ଡାକ୍ତରଙ୍କୁ ସ୍ୱାଇନ୍ ଫ୍ଲୁ ହୋଇଥିବା ଗୁରୁବାର ଜଣାପଡ଼ିଛି । ଏସ୍‌ସିବିର ସ୍ୱାଇନ୍ ଫ୍ଲୁ ୱାର୍ଡରେ ୧୦ଜଣ ରୋଗୀଙ୍କୁ ଭର୍ତ୍ତି କରାଯାଇଛି । ଏଥିରେ ଏସ୍‌ସିବିର ଜଣେ ମହିଳା ଡାକ୍ତର ସ୍ୱାଇନ୍ ଫ୍ଲୁ ପଜିଟିଭ୍ ଥିବା ସୂଚନା ମିଳିଛି ।

## ଆଜି ଓଡ଼ିଶା ଆସିବେ କଂଗ୍ରେସ ପର୍ଯ୍ୟବେକ୍ଷକ ଦଳ

**ଭୁବନେଶ୍ୱର, ୧୦।୮**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ପିସିସି ସଭାପତି ପରିବର୍ତ୍ତନକୁ ନେଇ ଲାଗି ରହିଥିବା ବିବାଦ ଏବଂ ଦଳରେ ଥିବା କନ୍ଦଳକୁ କିପରି ସମାଧାନ କରିହେବ ସେଥିନେଇ ଶୁକ୍ରବାର ଏଆଇସିସିର ପର୍ଯ୍ୟବେକ୍ଷକମାନେ ଓଡ଼ିଶା ଆସୁଛନ୍ତି । ସେମାନେ ଏଠାରେ ତିନିଦିନ ରହିବେ । ରହଣି କାଳରେ ସେମାନେ ଦଳୀୟ କର୍ମୀ, ନେତା, ସଂଗଠକ ଏବଂ ଶୁଭେଚ୍ଛୁମାନଙ୍କ ସମେତ (ଶେଷ ପୃଷ୍ଠା ଦେଖନ୍ତୁ)

## ଶେଷ ହେଲା ୨ୟ ପର୍ଯ୍ୟାୟ ଓଜେଇଇ

**ଭୁବନେଶ୍ୱର, ୧୦।୮ : ଏକ୍ସପ୍ରେସ୍ ନ୍ୟୁଜ୍**

ଗୁରୁବାର ହାଇକୋର୍ଟର ନିର୍ଦ୍ଦେଶ ଅନୁଯାୟୀ ଓଜେଇର ଦ୍ୱିତୀୟ ପ୍ରବେଶିକା ପରୀକ୍ଷା ହୋଇଥିଲା । ୧୧ଟି ସେଣ୍ଟରରେ ଏହି ପରୀକ୍ଷା କରାଯାଇଥିଲା । ଏହି ପରୀକ୍ଷା ସନ୍ଧ୍ୟା ୫ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ ଟାରେ ସରିଛି । ଓଜେଇର ଅଧକ୍ଷ ତୁଷାର କୁମାର ନାଥ କହିଛନ୍ତି ଯେ, ବିଟେକ୍ ପରୀକ୍ଷାରେ ୫ ହଜାର ୭୬୬ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲା ବେଳେ, ଏମ୍‌ବିଏରେ ୯୦୫, ଏମ୍‌ସିଏ ପାଇଁ ୨୫୦ ଜଣ ଆବେଦନ କରିଛନ୍ତି ।

## ଶେଷରେ ମୁଣ୍ଡ ନୁଆଁଇଲା ଚୀନ୍

# ଡୋକଲାମ୍‌ରୁ ୧୦୦ ମିଟର ପଛକୁ ହଟିଲା

**ନୂଆଦିଲ୍ଲୀ, ୧୦।୮**
**ଏଜେନ୍ସି**



ଶେଷରେ ପଛଘୁଞ୍ଚା ଦେଲା ଚୀନ୍ । ଭାରତ ଆଗରେ ମୁଣ୍ଡ ନୁଆଁଇଲା । ପ୍ରାୟ ଦୁଇ ମାସ ଧରି ବିବାଦୀୟ ଡୋକଲାମ ଅଞ୍ଚଳକୁ ନେଇ ଚୀନ୍ ଓ ଭାରତ ମୁହାଁମୁହିଁ ହେବା ସହ ଯୁଦ୍ଧ ପର୍ଯ୍ୟନ୍ତ କଥା ଯାଇଥିଲା। ବାରମ୍ବାର ଯୁଦ୍ଧ ଧମକ ଦେଇ ଭାରତକୁ ଡରାଇବାକୁ ଚେଷ୍ଟା କରୁଥିଲା ଚୀନ୍। ହେଲେ ଚୀନ୍‌ର ଏପରି ଧମକ ଚାଇନା ମାଲ ପରି ବେଶୀଦିନ ଚାଲୁନଥିବା ପ୍ରମାଣିତ ହୋଇଛି । କାରଣ ବୁଧବାର ପର୍ଯ୍ୟନ୍ତ ମୁହଁ ଫୁଟାଣି ମାରୁଥିବା ଚୀନ୍ ଭାରତର ଦମ୍ଭ ଓ କୂଟନୀତି ଆଗରେ ଏକ ପ୍ରକାର ହାର ମାନିଛି । ଏପରି କି ଡୋକଲାମ ଅଞ୍ଚଳରୁ ୧୦୦ ମିଟର ପଛକୁ ସୈନ୍ୟ ହଟାଇବାକୁ ଚୀନ୍ ରାଜି ହୋଇଛି । କିନ୍ତୁ ଚୀନ୍ ସେନାକୁ ଡୋକଲାମ ଅଞ୍ଚଳରୁ ୨୫୦ ମିଟର ପଛକୁ ହଟିଯିବାକୁ ଭାରତ କହିଛି । ଯେତେଦିନ ପର୍ଯ୍ୟନ୍ତ ଚୀନ୍ ସେନା ୨୫୦ ମିଟର ପଛକୁ ନ ହଟିଥିବ ଭାରତୀୟ ସେନା ହଟିବାର ପ୍ରଶ୍ନ ଉଠୁନାହିଁ ବୋଲି ଭାରତ ରୋକଠୋକ ଜଣାଇ ଦେଇଛି । ଚୀନ୍ ସରକାର ମୁଣ୍ଡ ନୁଆଁଇ ସାରିଥିଲେ ମଧ୍ୟ ତାଙ୍କ ସରକାରୀ ଖବରକାଗଜ ଗ୍ଲୋବାଲ ଟାଇମସ୍ ନିଜ ବକ୍‌ବାସରୁ କ୍ଷାନ୍ତ ହେଉନାହିଁ । ପ୍ରତିଦିନ ଏଥିରେ ଭାରତକୁ ଖୋଲାଖୋଲି ଯୁଦ୍ଧ ଧମକ ଦିଆଯାଉଛି । ଯଦି ଭାରତୀୟ ସେନା ବିବାଦୀୟ ଡୋକଲାମ ଅଞ୍ଚଳରୁ ପଛକୁ ନ ହଟେ, ତେବେ ଯୁଦ୍ଧ ପାଇଁ ଭାରତ କାଉଣ୍ଟଡାଉନ ଆରମ୍ଭ କରୁ ବୋଲି ଏହି ଖବରକାଗଜରେ ପ୍ରକାଶ ପାଇଛି । ଏପରିକି କାଶ୍ମୀର ଓ ଉତ୍ତରାଖଣ୍ଡରେ ଚୀନ୍ ସେନା ପ୍ରବେଶ କରିବ ବୋଲି ଚୀନ୍‌ର ଜଣେ ଉଚ୍ଚପଦସ୍ଥ ଅଧିକାରୀ କହିଛନ୍ତି । ଡୋକଲାମ ସୀମାରୁ ଚୀନ୍ ସେନା ହଟିବାକୁ ରାଜି ହେବା ଭାରତକୁ ଆଶ୍ୱସ୍ତ କରିଛି ।

## ଆଜି ଶପଥ ନେବେ ଉପରାଷ୍ଟ୍ରପତି



**ନୂଆଦିଲ୍ଲୀ, ୧୦।୮ : ଏଜେନ୍ସି**

ଦେଶର ନୂତନ ଉପରାଷ୍ଟ୍ରପତି ଭାବେ ଭେଙ୍କେୟା ନାଇଡୁ ଶୁକ୍ରବାର ଶପଥ ଗ୍ରହଣ କରିବେ । ପ୍ରଥମେ ରାଜଘାଟକୁ ଯାଇ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ଦୀନ୍‌ଦୟାଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ଏହାପରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ଶପଥ ଗ୍ରହଣ ପାଇଁ ରାଷ୍ଟ୍ରପତି ଭବନକୁ ଯିବାର କାର୍ଯ୍ୟକ୍ରମ ରହିଛି । ସେଠାରେ ସଂସଦୀୟ ବ୍ୟାପାର ରାଜ୍ୟମନ୍ତ୍ରୀ ତାଙ୍କୁ ସ୍ୱାଗତ କରିବା ପରେ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପୂର୍ବାହ୍ନ ୧୧ଟାରେ ସଦନରେ ପ୍ରବେଶ କରିବେ ।

## ସମାଲୋଚନା ବିନା ଗଣତନ୍ତ୍ର ଏକଛତ୍ରବାଦ ପାଲଟେ: ଆନ୍‌ସାରୀ

**ନୂଆଦିଲ୍ଲୀ, ୧୦।୮ : ଏଜେନ୍ସି**

ନିଜ କାର୍ଯ୍ୟକାଳର ଶେଷ ଦିନରେ ସରକାରଙ୍କ ଯୋଜନାର ସମାଲୋଚନା ବିନା ଗଣତନ୍ତ୍ର ଏକଛତ୍ରବାଦ ପାଲଟେ ବୋଲି ରାଜ୍ୟସଭାର ବିଦାୟୀ ଭାଷଣରେ ଉପରାଷ୍ଟ୍ରପତି ହମିଦ୍ ଆନ୍‌ସାରୀ କହିଛନ୍ତି । ସରକାରଙ୍କ ଯୋଜନାର ସ୍ୱଚ୍ଛ, ମୁକ୍ତ ଓ ନିର୍ଭୀକ ସମାଲୋଚନା ହେବା ଆବଶ୍ୟକ । ଏହାଦ୍ୱାରା ଯୋଜନାର (ଶେଷ ପୃଷ୍ଠା ଦେଖନ୍ତୁ)

# ଅନ୍‌ଲାଇନ୍‌ରେ ବର ଖୋଜି ୧୨ଲକ୍ଷ ହରାଇଲେ ଯୁବତୀ

**ଭୁବନେଶ୍ୱର, ୧୦।୮ : ଏକ୍ସପ୍ରେସ୍ ନ୍ୟୁଜ୍**

ଅନ୍‌ଲାଇନରେ ବର ଖୋଜିବାକୁ ଯାଇ ଜଣେ ଯୁବତୀ ଠକାମୀର ଶିକାର ହୋଇଛନ୍ତି । ଲଣ୍ଡନରେ ଡାକ୍ତର ଥିବା କହି ସଂପୃକ୍ତ ଯୁବକ ୧୨ଲକ୍ଷ ଟଙ୍କା ଠକି ନେଇଛନ୍ତି । ବିବାହ ପାଇଁ ପଞ୍ଜୀକରଣ କରୁଥିବା ୱେବସାଇଟ୍ ଜୀବନସାଥୀ–ଡଟ୍–କମ୍ ଜରିଆରେ ପରିଚିତ ହୋଇଥିବା ରାଜଧାନୀର ଜଣେ ଯୁବତୀ ୧୨ଲକ୍ଷ ୪୦ହଜାର ଟଙ୍କା ଠକେଇର ଶିକାର ହୋଇଛନ୍ତି । ଲଣ୍ଡନରେ ଡାକ୍ତର ଥିବା ଅର୍ଜ୍ଜୁନ ପ୍ରଦୀପ ନାମକ ଜଣେ ଯୁବକ ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଛନ୍ତି । ଏନେଇ ଥାନାରେ ଅଭିଯୋଗ କରିଛନ୍ତି ସମ୍ପୃକ୍ତ ଯୁବତୀ । ଯୁବତୀଙ୍କ ଅଭିଯୋଗ ଅନୁଯାୟୀ ଯୁବକ ଜଣକ ଆଫଗାନିସ୍ତାନକୁ ଏକ ଜରୁରୀ କାର୍ଯ୍ୟରେ ଯାଉଛନ୍ତି ଏବଂ ତାଙ୍କ ନିକଟରେ କିଛି ଟଙ୍କାର ଆବଶ୍ୟକ ରହିଛି । ତେଣୁ ସେହି ଆବଶ୍ୟକତା ପୂରଣ କରିବା ପାଇଁ ଆର୍ଥିକ ସହାୟତା ମାଗିଥିଲେ । ଆଉ ବିବାହ କରିବାର ମିଛ ପ୍ରତିଶ୍ରୁତି ଦେଇ ଯୁବକ ଜଣକ ଯୁବତୀଙ୍କଠାରୁ ଠକି ନେଇଛନ୍ତି ଲକ୍ଷାଧିକ ଟଙ୍କା । ତେବେ ଟଙ୍କା ଠକି ନେବା ପରେ ମଧ୍ୟ ଯୁବକର ମନ ମାନିନଥିଲା । ସେ ଆହୁରି ଟଙ୍କା ମାଗିବା ସହ ଧମକ ମଧ୍ୟ ଦେଉଥିବାର ଅଭିଯୋଗ କରିଛନ୍ତି ଯୁବତୀ ।

## ନିଟ୍ ପ୍ରଶ୍ନପତ୍ରକୁ ନେଇ ସୁପ୍ରିମ୍‌କୋର୍ଟଙ୍କ ଅସନ୍ତୋଷ

**ନୂଆଦିଲ୍ଲୀ, ୧୦।୮ : ଏଜେନ୍ସି**

ନିଟ୍ ପରୀକ୍ଷାରେ ଭିନ୍ନ ଭିନ୍ନ ଭାଷାରେ ପ୍ରଶ୍ନପତ୍ର ଆସିବା ପ୍ରସଙ୍ଗରେ ଗୁରୁବାର ସୁପ୍ରିମ୍‌କୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସମସ୍ତ ପରୀକ୍ଷାର୍ଥୀଙ୍କ ପାଇଁ ସମାନ ପ୍ରଶ୍ନପତ୍ର ଆସୁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି । ଏ ନେଇ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ସିବିଏସ୍‌ଇକୁ ନିର୍ଦ୍ଦେଶ ଦେଇଛନ୍ତି । ଆଞ୍ଚଳିକ ଭାଷାରେ ଆସୁଥିବା ହିନ୍ଦୀ ଓ ଇଂରାଜୀ ପ୍ରଶ୍ନ ସମାନ ରହୁ । ଆଞ୍ଚଳିକ ଭାଷାରେ ଆସୁଥିବା ପ୍ରଶ୍ନ ହିନ୍ଦୀ ଓ ଇଂରାଜୀ ତୁଳନାରେ ଅଧିକ କଷ୍ଟ ବୋଲି ଅଭିଯୋଗ ହୋଇଥିଲା।

## ଆଥ୍‌ଲେଟ୍ ଜୟନ୍ତୀଙ୍କୁ ନବୀନଙ୍କ ୧୨ ଲକ୍ଷର ପ୍ରୋତ୍ସାହନ ରାଶି

**ଭୁବନେଶ୍ୱର, ୧୦।୮**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱ ଜୁନିୟର ପାରା ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍‌ରେ ସଫଳତା ହାସଲ କରି ଓଡିଶା ପାଇଁ ଗୌରବ ଆଣିଥିବା ଜୟନ୍ତୀ ବେହେରାଙ୍କୁ ୧୨ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ଅଗଷ୍ଟ ୨୯ ତାରିଖ କ୍ରୀଡା ଦିବସ ଅବସରରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ । ଗୁରୁବାର ଦିନ ସଚିବାଳୟ ଠାରେ ମୁଖ୍ୟମନ୍ତ୍ରୀ ଜୟନ୍ତୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଜୟନ୍ତୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜୟନ୍ତୀ(ଶେଷ ପୃଷ୍ଠା ଦେଖନ୍ତୁ)

# ନୟାଗଡ଼ ମଡେଲ ଡିଗ୍ରୀ କଲେଜ୍ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ



**ଭୁବନେଶ୍ୱର, ୧୦।୮**
**ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଦିନ ସଚିବାଳୟଠାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ନୟାଗଡରେ ପ୍ରତିଷ୍ଠିତ ହୋଇଥିବା ନୂତନ ମଡେଲ ଡିଗ୍ରୀ କଲେଜକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନରେ ୧୨ କୋଟି ଟଙ୍କା ବିନିଯୋଗରେ ଏହି କଲେଜ ନିର୍ମାଣ କରାଯାଇଛି । କଲେଜର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ଦରମା ଓ ଅନ୍ୟାନ୍ୟ ଖର୍ଚ୍ଚ ରାଜ୍ୟ ସରକାରଙ୍କ ତରଫରୁ ବହନ କରାଯାଉଛି । ୨୦୧୬–୧୭ ବର୍ଷ ଠାରୁ ଏକ ଅସ୍ଥାୟୀ କ୍ୟାମ୍ପସ୍‌ରେ ଏଠାକାର ଶିକ୍ଷାଦାନ ଆରମ୍ଭ କରାଯାଇଛି ଏବଂ ଏଥିରେ ପ୍ରାୟ ୨୪୦ରୁ ଅଧିକ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ନୟାଗଡ ଜିଲ୍ଲା ହେଉଛି ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ ପଠାଣୀ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମସ୍ଥାନ । ତେଣୁ ଏ ଜିଲ୍ଲାରେ ଛାତ୍ରଛାତ୍ରୀମାନେ ତାଙ୍କର ପଦାଙ୍କ ଅନୁସରଣ କରି ଶିକ୍ଷା କ୍ଷେତ୍ରରେ ନୂଆ କୀର୍ତ୍ତିମାନ ସ୍ଥାପନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ । ନୟାଗଡଠାରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ । ବିଧାୟକ ଅରୁଣ ସାହୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ । ପ୍ରାରମ୍ଭିକ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ (ଶେଷ ପୃଷ୍ଠା ଦେଖନ୍ତୁ)

# ଗରିବଙ୍କୁ ଗୃହ ଯୋଗାଣ ଯୋଜନାରେ ଓଡ଼ିଶା ଅଗ୍ରଣୀ ରାଜ୍ୟ

- ୪ ବର୍ଷରେ ଶେଷ ହେଲା ୧୨ଲକ୍ଷରୁ ଊର୍ଦ୍ଧ୍ୱ ଘର
- ୪ ମାସରେ ଘର ନିର୍ମାଣ ସାରିଲେ ମିଳୁଛି ୨୦ହଜାର ଟଙ୍କାର ପ୍ରୋତ୍ସାହନ
- ସ୍ୱଚ୍ଛତା ସହ ଯୋଜନା କାର୍ଯ୍ୟକାରୀ କରିବାକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୦।୮**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗ୍ରାମାଞ୍ଚଳ ଗରିବମାନଙ୍କୁ ଗୃହ ଯୋଗାଣ ଯୋଜନା କାର୍ଯ୍ୟାନ୍ୱୟନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟର ପରିଚୟ ହାସଲ କରିଛି । ୨୦୧୪–୧୫ ବର୍ଷରୁ ଚଳିତ ବର୍ଷ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ପ୍ରାୟ ୧୨ ଲକ୍ଷ ୧୮ ହଜାରରୁ ଊର୍ଦ୍ଧ୍ୱ ଗୃହ ନିର୍ମାଣ ସରିଛି । ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଦ୍ୱାରା ଜିଲ୍ଲାପାଳମାନଙ୍କ ସହ ନିକଟରେ କରାଯାଇଥିବା ଭିଡିଓ କନ୍‌ଫେରେନ୍ସିଂ ସମୀକ୍ଷାରୁ ଏହା ଜଣାପଡିଛି । ମୁଖ୍ୟ ଶାସନ ସଚିବ ଯୋଜନାର କ୍ଷେତ୍ରସ୍ତରୀୟ ଅଗ୍ରଗତି ବିଷୟରେ ଜିଲ୍ଲାୱାରୀ ସମୀକ୍ଷା କରିଥିଲେ । ଗ୍ରାମୀଣ ଆବାସ ଯୋଜନା ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରାଧିକାର କ୍ଷେତ୍ର ହୋଇଥିବାରୁ ଏଥିପାଇଁ ଉଦ୍ଦିଷ୍ଟ ପରିଯୋଜନାଗୁଡିକ ପୂର୍ଣ୍ଣ ଦକ୍ଷତା ଓ ସ୍ୱଚ୍ଛତାର ସହ କାର୍ଯ୍ୟାନ୍ୱୟନ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ଜିଲ୍ଲାପାଳ ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୂର୍ଣ୍ଣ ନିଷ୍ଠା ଏବଂ ସାଧୁତାର ସହ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ସମସ୍ତ ପ୍ରକାର ପ୍ରଶାସନିକ ସହଯୋଗ ଯୋଗାଇ ଦିଆଯିବ ବୋଲି ମଧ୍ୟ ମୁଖ୍ୟ ଶାସନ ସଚିବ ଆଶ୍ୱାସନା ଦେଇଥିଲେ ।

ପଞ୍ଚାୟତିରାଜ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ ଜଣାଇଥିଲେ ଯେ ୨୦୧୪–୧୫ ଆର୍ଥିକ ବର୍ଷଠାରୁ ଚଳିତ ବର୍ଷ ଅଗଷ୍ଟ ମାସ ପ୍ରଥମ ସପ୍ତାହ ସୁଦ୍ଧା ରାଜ୍ୟରେ ବିଭିନ୍ନ ଗ୍ରାମୀଣ ଆବାସ ଯୋଜନାରେ ୧୨ ଲକ୍ଷ ୧୮ ହଜାରରୁ ଊର୍ଦ୍ଧ୍ୱ ଘର ନିର୍ମାଣ ସରିଛି । ଏହି ଯୋଜନାରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହିତାଧିକାରୀମାନଙ୍କ ତାଲିକା ସମସ୍ତଙ୍କ ଅବଗତି ନିମନ୍ତେ ଗ୍ରାମ ପଞ୍ଚାୟତ କାନ୍ଥରେ ଲେଖିବା ପାଇଁ ଶ୍ରୀ ସିଂ (ଶେଷ ପୃଷ୍ଠା ଦେଖନ୍ତୁ)



ଭୁବନେଶ୍ୱର : ବିଶ୍ୱ ଜୁନିଅର୍ ପାରା ଆଥ୍‌ଲେଟିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟିନୀ ଜୟନ୍ତୀ ବେହେରାଙ୍କୁ ସଚିବାଳୟରେ ସମ୍ବର୍ଦ୍ଧିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

# ସ୍ୱଚ୍ଛ ଭାରତ ମିଶନ୍‌ରେ ବଲାଙ୍ଗୀର ସବୁଠୁ ପଛରେ

**ଭୁବନେଶ୍ୱର, ୧୦।୮: ତଥ୍ୟ**

ସ୍ୱଚ୍ଛ ଭାରତ ଗ୍ରାମୀଣ ଯୋଜନା କାର୍ଯ୍ୟକାରୀ କ୍ଷେତ୍ରରେ ଦେବଗଡ ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନରେ ଥିବାବେଳେ ବଲାଙ୍ଗୀର ଜିଲ୍ଲା ଏ କ୍ଷେତ୍ରରେ ସବୁଠାରୁ ପଛରେ ରହିଛି । କେନ୍ଦ୍ର ପାନୀୟ ଜଳ ଓ ପରିମଳ ମନ୍ତ୍ରାଳୟ ସଚିବ ପରମେଶ୍ୱରନ ଆୟାର ରାଜ୍ୟ ସରକାରଙ୍କୁ ଏ ସଂକ୍ରାନ୍ତରେ ଅବଗତ କରିଛନ୍ତି ।

କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ଗ୍ରାମୀଣ ଯୋଜନାକୁ ପ୍ରୋତ୍ସାହିତ ଲାଗି ଜିଲ୍ଲା ସ୍ୱଚ୍ଛତା ଦର୍ପଣର ଶୁଭାରମ୍ଭ ସହିତ ସର୍ବଭାରତୀୟ ସ୍ତରରେ ଜିଲ୍ଲାଗୁଡିକର ‘ର୍ୟାଙ୍କିଙ୍ଗ୍’ କରିଛନ୍ତି । ଏହି ତାଲିକାନୁଯାୟୀ ରାଜ୍ୟର ସ୍ୱଚ୍ଛ ଭାରତ ଗ୍ରାମୀଣ ତାଲିକାରେ ଦେବଗଡ ପ୍ରଥମ ସ୍ଥାନରେ ଥିବାବେଳେ ବାଲେଶ୍ୱର ଦ୍ୱିତୀୟ ଓ ଜଗତସିଂହପୁର ଜିଲ୍ଲା ତୃତୀୟ ସ୍ଥାନରେ ରହିଛି । ସାକ୍ଷରତା କ୍ଷେତ୍ରରେ ଆଗୁଆ ଥିବା ପୁରୀ ଜିଲ୍ଲା ତାଲିକାର ୧୬ତମ ସ୍ଥାନରେ ଥିବାବେଳେ ଏକ ନମ୍ବର ସାକ୍ଷରତା ଜିଲ୍ଲା ଖୋର୍ଦ୍ଧା ୧୮ତମ ସ୍ଥାନରେ ରହିଛି । ମୋଟ୍ ୩୦ ଟି ଜିଲ୍ଲା ମଧ୍ୟରୁ କଟକ ୨୯ତମ ସ୍ଥାନରେ ରହିଛି ।



ଜାତୀୟ ସ୍ତରର ତାଲିକା ଅନୁଯାୟୀ ଦେବଗଡ ୧୭୦ତମ ସ୍ଥାନରେ ଥିବାବେଳେ ବଲାଙ୍ଗୀର ଜିଲ୍ଲାର ସ୍ଥାନ ରହିଛି ୬୭୦ ନମ୍ବରରେ । ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣକୁ ଅଧିକ ପ୍ରୋତ୍ସାହିତ କରିବା ଲାଗି ମନ୍ତ୍ରାଳୟ ପକ୍ଷରୁ ଦେଶର ସମସ୍ତ ଜିଲ୍ଲାର ‘ର୍ୟାଙ୍କିଙ୍ଗ’ କରାଯାଉଥିବା ସଚିବ ଶ୍ରୀ ଆୟାର କହିଛନ୍ତି । ପ୍ରତ୍ୟେକ ତିନିମାସରେ ଥରେ ଜିଲ୍ଲାଗୁଡିକର ଶ୍ରେଣୀ ବିଭାଗ ହେଉଥିବା ବେଳେ ଚଳିତମାସ ୪ ତାରିଖ ସୁଦ୍ଧା ପ୍ରସ୍ତୁତ ତାଲିକାରେ ରାଜ୍ୟରେ ଦେବଗଡ ସବୁଠାରୁ ଆଗରେ ଥିବାବେଳେ ବଲାଙ୍ଗିର ଜିଲ୍ଲା ତାଲିକାର ସବା ତଳେ ରହିଛି । ଏହି ତାଲିକା ପ୍ରସ୍ତୁତ ସମୟରେ ଘରୋଇ ପାଇଖାନା ନିର୍ମାଣ ଓ ମଳ ମୁକ୍ତ ଅଞ୍ଚଳର ସ୍ଥିତି ଉପରେ ଗୁରୁତ୍ୱ ଦିଆଯାଇ ଏହାକୁ ମାନଦଣ୍ଡ ରୂପେ ନିଆଯାଉଛି । ଅନୁରୂପ ଭାବେ ଅଚଳ ଓ ଅସ୍ୱାସ୍ଥ୍ୟକର ପରିବେଶରେ ଥିବା ପାଇଖାନାଗୁଡିକୁ ବଦଳାଇବା ଉପରେ ବି ଗୁରୁତ୍ୱ ଦିଆଯାଉଛି ।

କେନ୍ଦ୍ର ସଚିବ ଶ୍ରୀ ଆୟାର କହିଛନ୍ତି ଯେ ଏହି ଯୋଜନାର ସଫଳତା ଲୋକମାନଙ୍କର ଆଚରଣ ପରିବର୍ତ୍ତନ ଉପରେ ନିର୍ଭର କରୁଥିବା ବେଳେ ଅର୍ଥ ବିନିଯୋଗରେ ଅଧିକରୁ ଅଧିକ ସ୍ୱଚ୍ଛଗୃହ ନିର୍ମାଣ କରାଯାଉଛି । ସେହିଭଳି ସ୍ୱଚ୍ଛ ଭାରତ ଗ୍ରାମୀଣ ଯୋଜନାରେ ସ୍ୱଚ୍ଛତା ରକ୍ଷାକୁ ମଧ୍ୟ ମାନଦଣ୍ଡ ଭାବେ ଗ୍ରହଣ କରାଯାଉଛି । ଯୋଜନାର ସଫଳ କାର୍ଯ୍ୟକାରୀ ପାଇଁ ଏଥି ସହିତ ଆଧାର ସଂଯୋଗ ଉପରେ ଗୁରୁତ୍ୱ ଦିଆଯାଉଛି ।

ସ୍ୱଚ୍ଛ ଭାରତ ଗ୍ରାମୀଣ ଯୋଜନାରେ ସମୁଦାୟ ୬୭୯ ଜିଲ୍ଲାକୁ ଅର୍ନ୍ତଭୁକ୍ତ କରାଯାଇଥିବା ବେଳେ ଏନ୍‌ଆଇସି ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ରଭାବେ ସଫ୍ଟୱେର ପ୍ରସ୍ତୁତ କରାଯାଇଛି । ଏହାଦ୍ୱାରା ୱେବ୍‌ସାଇଟରେ ପ୍ରତି ଜିଲ୍ଲାର ପ୍ରଦର୍ଶନ ଦର୍ଶାଯାଉଛି । ଆସନ୍ତା ଦୁଇମାସ ପରେ ପୁଣିଥରେ ଜିଲ୍ଲା ଗୁଡିକର ତାଲିକା ପ୍ରସ୍ତୁତ ହେବାକୁ ଥିବାରୁ ମାନଦଣ୍ଡ ପାଇଁ ଥିବା ବିଭିନ୍ନ କ୍ଷେତ୍ରରେ ସେମାନେ ଉନ୍ନତ ପ୍ରଦର୍ଶନ କରିବାଲାଗି କେନ୍ଦ୍ରୀୟ ସଚିବ କହିଛନ୍ତି ।